# କୃଷି ସୂଚନା ସେବା (ଧାନ)

**୨୦୨୬ ମସିହା ଅକ୍ଟୋବର ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା**

- ରୁଆଯାଇଥିବା ଧାନରେ କେଣ୍ଡା ବାହାରିବା ଆରମ୍ଭ ଅବସ୍ଥାରେ ଦ୍ୱିତୀୟ ପିଲସାର ଭାବେ ଏକର ପ୍ରତି ୧୭.୫ କି.ଗ୍ରା. ୟୁରିଆ ସାର ପ୍ରୟୋଗ କରନ୍ତୁ । ବାଲିଆ ମାଟି ଜମି ହୋଇଥିଲେ ୧୭.୫ କି.ଗ୍ରା. ୟୁରିଆ ସହିତ ୧୩ କି.ଗ୍ରା. ଏମ୍.ଓ.ପି.(ପଟାସ ସାର) ପ୍ରୟୋଗ କରନ୍ତୁ ।

- କାଣ୍ଡବିନ୍ଧା ପୋକ ଏବଂ ପତ୍ରମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ କରିବା ପାଇଁ ଏକ ଏକର ତଳିଘରା ପିଛା ୪-୫ ଟି ଫେରୋମୋନ୍ ଯନ୍ତା /ଟ୍ରାପ୍ ରଖନ୍ତୁ । ଯଦି ଗୋଟିଏ ଟ୍ରାପ୍ ପିଛା ୪ ରୁ ୫ଟି ପୁରୁଷ ପୋକ ଗୋଟିଏ ଦିନରେ ପଡନ୍ତି, ତେବେ ଏକର ପିଛା ୮୦୦ ମି.ଲି. ଆଜାଡିରାକ୍ଟିନ୍ ୦.୧୫% ଇ.ସି. କିମ୍ବା ୪ କି.ଗ୍ରା. କ୍ଲୋରାନଟ୍ରାନିଲିପ୍ରୋଲ୍ ୦.୪% ଜି.ଆର୍. ସହିତ ବାଲି ସମାନ ଭାବରେ ମିଶାଇ କିମ୍ବା ୬୦ ମି.ଲି. କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୨୦୦ ଲିଟର ପାଣିରେ କିମ୍ବା ୧୦ କି.ଗ୍ରା. କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଏହି ପୋକର ପ୍ରାର୍ଦୁଭାବ ସମ୍ଭାବନା ଥିବା ଅଂଚଳରେ ୨୦,୦୦୦ ଅଣ୍ଡା ଥିବା ୩ଟି ଟ୍ରାଇକୋଗାମା ଜାପୋନିକ୍ କାର୍ଡ ୭ ରୁ ୧୦ ଦିନ ଅନ୍ତରାଳରେ ପ୍ରୟୋଗ କରନ୍ତୁ ।

- ଧାନବୁଦା ପ୍ରତି ଯଦି ୨ଟି ମୋଡାପତ୍ର ଦେଖାଯାଏ, ତେବେ ପତ୍ରମୋଡା ପୋକର ନିୟନ୍ତ୍ରଣ ପାଇଁ ଏକର ପିଛା ୬୦ ମି.ଲି . କ୍ଲୋରାନ୍ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. କିମ୍ବା ୧୦୦-୧୨୦ ମି.ଲି. ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ୫୦ ଗ୍ରାମ୍ ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲ୍ୟୁ.ଜି ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ସଂବାଲୁଆ କିମ୍ବା ନଳୀପୋକ ଦେଖାଦେଲେ ଏକର ପିଛା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦ ଇ.ସି. କିମ୍ବା ୮୦୦ ମି.ଲି. କୁଇନାଲଫସ୍ ୨୫% ଇ.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

- ବଙ୍ଗୀପୋକର ଆକ୍ରମଣ ହେଲେ ଏକର ପିଛା ୪୦୦-୬୦୦ ମି.ଲି. ଫିପ୍ରୋନିଲ୍ ୦.୫% ଏସ୍.ସି. କିମ୍ବା ୪୦ ଗ୍ରାମ୍ ଥାଇମିଥୋକ୍ସାମ୍ ୨୫% ଡବ୍ଲ୍ୟୁ.ଜି କିମ୍ବା ୧୦୦ ମି.ଲି. ଲାମ୍ବଡା- ସାଇହାଲୋଥ୍ରିନ୍ ୫% ଇ.ସି. କିମ୍ବା ୫୦୦ ମି.ଲି. କ୍ଲୋରୋପାଇରିଫସ୍ ୨୦%ଇ.ସି. କିମ୍ବା ୨୦ କି.ଗ୍ରା. କାର୍ବୋଫ୍ୟୁରାନ୍ ୩% ସି.ଜି. ପ୍ରୟୋଗ କରିବା ଉଚିତ୍ । ସ୍ପ୍ରେ କରିବା ସମୟରେ ପ୍ରତି ଏକର ପାଇଁ ୨୦୦ ଲିଟର ପାଣି ବ୍ୟବହାର କରନ୍ତୁ ।

- ମାଟିଆଗୁଣ୍ଡି ପୋକ(ଚକଡାପୋକ) ବୁଦାପ୍ରତି ୫-୧୦ଟି ପୋକ ଦେଖାଦେଲେ ଜମିର ସୂକ୍ଷ୍ମ ପରିବେଶକୁ ପରିବର୍ତ୍ତନ କରନ୍ତୁ ଯେପରିକି କ୍ରମାଗତ ଭାବେ ମାଟି ଓଦା ଓ ଶୁଖିଲା ରହିବ । ଜମିରେ ଅଧିକ ସମୟ ପର୍ଯ୍ୟନ୍ତ ଠିଆ ପାଣି ନ ରହିବା ଦରକାର । ଏହାପରେ ଯଦି ପୋକ ଦେଖାଯାଏ ତେବେ ଏକର ପିଛା ଟ୍ରାଇଫ୍ଲୁମେଜୋପାଇରିମ୍ ୧୦% ଏସ୍.ସି. ୯୪.୫ ମି.ଲି. କିମ୍ବା ପାଇମେଟ୍ରୋଜିନ୍ ୫୦% ଡବ୍ଲ୍ୟୁ.ଜି. ୧୨୦ ଗ୍ରାମ୍ କିମ୍ବା ୬୦-୮୦ ଗ୍ରାମ୍ ଡିନୋଟେଫ୍ୟୁରାନ୍ ୨୦% ଏସ୍.ଜି. କିମ୍ବା ୨୦୦-୩୦୦ ମି.ଲି. ଇଥୋଫେନୋପ୍ରକ୍ସ ୧୦% ଇ.ସି. କିମ୍ବା ୪୦୦ ଗ୍ରାମ୍ ଏସିଫେଟ୍ ୭୫% ଏସ୍.ପି. କିମ୍ବା ୪୦୦-୬୦୦ ମି.ଲି. ଫିପ୍ରୋନିଲ୍ ୫% ଏସ୍.ସି. ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ଚକଡା ପୋକ ସମୟରେ ଯବକ୍ଷାରଜାନ ଯୁକ୍ତ ସାର ପ୍ରୟୋଗ ନକରି ସଦା ସର୍ବଦା ଉପଯୁକ୍ତ କୀଟନାଶକ ସଠିକ୍ ମାତ୍ରାରେ ବ୍ୟବହାର କରନ୍ତୁ ।

୧୦ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ । ଏକ ଲିଟର ପ୍ରତି ୨୦୦ ଲିଟର ଦ୍ରବଣ ପ୍ରୟୋଗ କରନ୍ତୁ ।

- ଧାନ ଗଛରେ ପତ୍ରପୋଡା/ପତ୍ରାଗାର ରୋଗ ଦେଖା ଦେଲେ ୧ ଲିଟର ପାଣିରେ କପର୍ ଅକ୍ସିକ୍ଲୋରାଇଡ୍ ୧ ଗ୍ରାମ୍ ସହିତ ପ୍ଲାଂଟୋମାଇସିନ୍ ୧ ଗ୍ରାମ୍ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ ।
- ମହିଷା ରୋଗ ଦେଖା ଦେଲେ ଏକ ଲିଟର ପାଣିରେ ଟେବୁକୋନାଜୋଲ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫% ଡବ୍ଲ୍ୟୁ.ଜି.) ୦.୪ ଗ୍ରାମ୍ କିମ୍ବା କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨ ଗ୍ରାମ୍ ହିସାବରେ ସିଂଚନ କରନ୍ତୁ ।
- ନତୁବା ଏକ ଲିଟର ପାଣିରେ ସତେଜ ବେଲ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ତୁଳସୀ ପତ୍ର ବଟା (୨୫ ଗ୍ରାମ୍ ପତ୍ର) କିମ୍ବା ନିମ୍ବ ପତ୍ର ବଟା (୨୦୦ ଗ୍ରାମ୍ ପତ୍ର) ମିଶାଇ ସିଂଚନ କରନ୍ତୁ ।
- ପତ୍ରଚିତା ରୋଗ ଦେଖାଦେଲେ ଏକର ପ୍ରତି ୨୦୦ ମି.ଲି. ପ୍ରୋପିକୋନାଜୋଲ ୨୫ ଇ.ସି. କିମ୍ବା ୪୦୦ ଗ୍ରାମ୍ ମ୍ୟାଙ୍କୋଜେବ୍ ୭୫ ଡବ୍ଲ୍ୟୁ.ପି. କିମ୍ବା ୪୦୦ ଗ୍ରାମ୍ କିମ୍ବା ଏକର ପ୍ରତି ୩୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୬୪% + ମ୍ୟାଙ୍କୋଜେବ୍ ୮% ୭୫ ଡବ୍ଲ୍ୟୁ.ପି ଭଲ ଭାବେ ମିଶାଇ ସିଂଚନ କରନ୍ତୁ । ଏକ ଏକର ଜମି ପାଇଁ ୨୦୦ ଲିଟର ପାଣି ଆବଶ୍ୟକ ହୋଇଥାଏ । ୪୫ ଦିନରୁ ଅଧିକ ହୋଇଥିବା ବୁଣାଧାନ ଋଷଜମିରେ ବେଉଷଣି ନକରିବା ଉଚିତ୍ ।
- ସାହାରା ରୋଗ ଦେଖାଦେଲେ ଏକର ପ୍ରତି ୪୦୦ ଗ୍ରାମ୍ କପର ହାଇଡ୍ରୋକ୍ସାଇଡ୍ ୭୭% (କୋକ୍ସାଇଡ ୧୦୧) କିମ୍ବା ୪୦୦ ଗ୍ରାମ୍ ଟେବୁକୋନାଜୋଲ ୨୫% (ଫୋଲିକର) ୭ ଦିନ ଅନ୍ତରରେ ଦୁଇଥର ସିଂଚନ କରନ୍ତୁ ।
- କମ୍ ଆର୍ଦ୍ରତା ବା ଶୁଖା ପ୍ରଭାବିତ ଅଂଚଳରେ ଯେଉଁଠି ଧାନ ଫସଲ ହୋଇପାରି ନାହିଁ, ଉଚ୍ଚ ଓ ମଧ୍ୟମ ଜମିରେ ମାଟିର ବତର ଦେଖି ଋଷୀଭାଇମାନେ କୋଶଳା ଶାଗ, ମାଂଡିଆ, କୋଳଥ, ମୁଗ, ବିରି, ଝୁଡଙ୍ଗ, କନ୍ଦମୂଳ ଏବଂ ରାଶି ଇତ୍ୟାଦି ଅଳ୍ପଦିନିଆ ପୂର୍ବ ରବି ଫସଲ ହିସାବରେ କରିପାରିବେ ।
- ଧାନ ଋଷରେ ବିଭିନ୍ନ ରୋଗ, ପୋକ, ସୂତ୍ରକୃମି ଆକ୍ରମଣ ଓ ପୋଷକତତ୍ୱ ଅଭାବ ଭଳି ସମସ୍ୟା ଦେଖାଦେଇପାରେ । ଏହାର ସଠିକ୍ କାରଣ ଚିହ୍ନଟ କରି ଠିକ୍ ସମୟରେ ନିୟନ୍ତ୍ରଣ ପଦକ୍ଷେପ ନେବା ଅତ୍ୟନ୍ତ ଜରୁରୀ ।ଧାନ ଫସଲରେ କୌଣସି ସମସ୍ୟା ଦେଖାଦେଲେ ଆକ୍ରାନ୍ତ ଧାନ ଗଛର ନମୁନା Rice Health Clinic, CRRI, Cuttack କୁ ନେଇ ଆସନ୍ତୁ । ସୋମବାରରୁ ଶୁକ୍ରବାର, ପୂର୍ବାହ୍ନ୧୦.୩୦ ରୁ ୧୨.୩୦ ମଧ୍ୟରେ ନମୁନା ଯାଂଚ କରାଯାଇ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକ ପରିଚାଳନା ଓ ନିୟନ୍ତ୍ରଣ ବିଷୟରେ ସୁପାରିଶ ଦିଆଯାଇଥାଏ ।

**ଲଘୁଚାପ ଜନିତ ଅତ୍ୟଧିକ ବର୍ଷା ହୋଇଥିବା ଧାନଫସଲ ଅଂଚଳରେ ଉପୁଜିଥିବା ସମସ୍ୟାକୁ ଦୃଷ୍ଟିରେ ରଖି ଜରୁରୀକାଳୀନ କୃଷି ପରାମର୍ଶ**

- ଯେଉଁଠାରେ ଅତ୍ୟଧିକ ବୃଷ୍ଟିପାତ ହୋଇଥିବ, ଧାନ କ୍ଷେତରୁ ଅଧିକ ଜଳ ନିଷ୍କାସନ କରନ୍ତୁ ।

  ବର୍ତମାନ ପରିସ୍ଥିତିରେ ଲଗାତର ଏବଂ ଅତ୍ୟଧିକ ବର୍ଷା ହେତୁ ଅଧିକାଂଶ ଧାନଫସଲ ଜମି ସଂପୂର୍ଣ୍ଣ କିମ୍ବା ଆଂଶିକ ଜଳମଗ୍ନ ହୋଇଯାଇଛି । ଏପରି ବିଶେଷ ପରିସ୍ଥିତିରେ ଋଷୀଭାଇମାନେ ନିମ୍ନପ୍ରଦତ ପ୍ରଣାଳୀ ଅନୁସରଣ କରିବାକୁ ପରାମର୍ଶ ଦିଆଯାଉଛି

- ସୁବିଧା ଅନୁଯାୟୀ ଧାନଋଷ ଜମିରୁ ଅତ୍ୟାଧିକ ଜଳ ନିଷ୍କାସନ କରିନିଅନ୍ତୁ ।

ପାଇଁ ଅତ୍ୟନ୍ତ ଅନୁକୂଳ ଅଟେ । ନିଜ କ୍ଷେତ୍ରରେ ସଜାଗ ରୁହନ୍ତୁ । ଜୀବାଣୁ ଜନିତ ରୋଗ ପାଇଁ ୧୦ ଲିଟର ପାଣିରେ ୧ ଗ୍ରାମ୍ ପ୍ଲାଂଟୋମାଇସିନ୍ ସହିତ ୨୦ ଗ୍ରାମ୍ କପର ଅକ୍ସାକ୍ଲୋରାଇଡ୍ ପ୍ରୟୋଗ କରନ୍ତୁ । ଯଦି ଧାନ କ୍ଷେତ୍ରରେ ପତ୍ରାଚ୍ଛଦା ପୋଡା ରୋଗ ଦେଖାଯାଏ, ତେବେ ୧୦ ଲିଟର ପାଣିରେ ଟେବୁକୋନଜୋଲ ୫୦% ସହିତ ୪ ଗ୍ରାମ୍ ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% ଡବ୍ଲ୍ୟୁ.ଜି. କିମ୍ବା ୧୫ ମି.ଲି. ୧୦ ଲିଟର ପାଣିରେ ଇସୋପ୍ରୋଥିଓଲାନ୍ ୪୦ ଇ.ସି ସ୍ପ୍ରେ କରନ୍ତୁ । ୭-୧୦ ଦିନ ବ୍ୟବଧାନରେ ସ୍ପ୍ରେକୁ ପୁନରାବୃତି କରନ୍ତୁ ।

- ବିଳମ୍ବିତ ରୁଆ ହେତୁ ଲେଡାପୋକ ଦେଖାଦେଲେ ହେକ୍ଟର ପ୍ରତି ୨ ଲିଟର କିରୋସିନି ସିଂଚନ କରନ୍ତୁ ଏବଂ ରସି ଦ୍ୱାରା ଧାନଗଛ ଗୁଡିକୁ ଭଲଭାବେ ହଲାଇ ଦିଅନ୍ତୁ । ଏହା ସତ୍ୱେ ପୋକର ପ୍ରଭାବ ନ କମିଲେ ଏକର ପ୍ରତି ୫୦୦ ମି.ଲି. କ୍ଲୋରୋପାଇରିଫଂସ୍ ୨୦ ଇ.ସି. କିମ୍ବା ୨୦୦ ମି.ଲି. ଲାମ୍ବଡା ସାଇହାଲୋଥ୍ରିନ୍ ୫% ଇ.ସି. କିମ୍ବା ୮୦୦ ମି.ଲି. କୁଇନାଲଫଂସ୍ ୨୫ ଇ.ସି. ପ୍ରୟୋଗ କରନ୍ତୁ ।

- ବର୍ତମାନର ପରିସ୍ଥିତି ଯେପରିକି ମେଘୁଆ ଆକାଶ, ଅତ୍ୟଧିକ ଆର୍ଦ୍ରତା, ଲଗାଣ ବର୍ଷା ସହିତ ଦିନରେ ଉଚ୍ଚ ଏବଂ ରାତିରେ ନିମ୍ନ ତାପମାତ୍ରା ଇତ୍ୟାଦି ପରିସ୍ଥିତିରେ ବିଭିନ୍ନ ରୋଗ ଯଥା ପତ୍ରପୋଡା, ପତ୍ରାଗାର ଏବଂ ମହିଷାରୋଗ ଦେଖାଯାଆନ୍ତି । ଏପରି ସ୍ଥିତି ଉପୁଜିଲେ ପତ୍ରପୋଡା ଏବଂ ପତ୍ରାଗାର ରୋଗ ପାଇଁ ୨୦୦ ଗ୍ରାମ୍ ପ୍ଲାଂଟୋମାଇସିନ୍ ସହିତ ୨୦୦ ଗ୍ରାମ୍ କପରଅକ୍ସିକ୍ଲୋରାଇଡ୍ ୨୦୦ ଲିଟର ପାଣିରେ ମିଶାଇ ପ୍ରୟୋଗ କରନ୍ତୁ । ମହିଷା ରୋଗ ଦେଖାଦେଲେ ଏକର ପ୍ରତି ୮୦ ଗ୍ରାମ୍ ଟେବୁକୋନାଜୋଲ୍ ୫୦% + ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫% (ନାଟିଭୋ ୭୫ ଡବ୍ଲ୍ୟୁ.ଜି.) କିମ୍ବା ଏକର ପ୍ରତି ୪୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି. ପ୍ରୟୋଗ କରନ୍ତୁ ।

*******